Office of the Principal,

# KHAIRA COLLEGE, KHAIRA, BLS.

DIST- BALASORE (ODISHA), PIN-756048

website –www.khairacollegekhaira.com, E. Mail : khairacollege@gmail.com


## DEPARTMENT OF ODIA

### ପାଠ୍ୟକ୍ରମର ଲକ୍ଷ୍ୟ (Course Outcome)

ସ୍ନାତକ ଶ୍ରେଣୀରେ ଓଡିଆ ଭାଷା ଓ ସାହିତ୍ୟ ସମ୍ବନ୍ଧୀୟ ପାଠଦାନ ନିମନ୍ତେ ଏହି ପାଠ୍ୟକ୍ରମଟି ପ୍ରସ୍ତୁତ ହୋଇଛି | ଏହା ଓଡିଆ ଭାଷା ଓ ସାହିତ୍ୟର ଉନ୍ମେଷ, ବିକାଶ ସହିତ ଏହାର ସାମ୍ପ୍ରତିକ ସ୍ଥିତି, ବ୍ୟାକରଣ ଓ ଭାଷା ତାତ୍ତ୍ୱିକ ବୈଶିଷ୍ଟ୍ୟ ସମ୍ପର୍କରେ ସବିଶେଷ ଧାରଣା ପ୍ରଦାନ କରିବ ଓଡିଆ ସାହିତ୍ୟର ବ୍ୟାବହାରିକ ଦିଗ ଓ ମହତ୍ତ୍ୱ ପ୍ରତି ଏଥିରେ ଧ୍ୟାନ ଦିଆ ଯାଇଛି |

## ୧- ପ୍ରଧାନ ପାଠ୍ୟାଂଶ (Core Course – I )

### ପ୍ରାଚୀନ ଓଡିଆ ସାହିତ୍ୟର ଇତିହାସ: ପୁରାଣ ଓ ଗଦ୍ୟ ସାହିତ୍ୟ –

ପ୍ରାଚୀନ ସାହିତ୍ୟରେ ଧାର୍ମିକ ଆବେଦନ ଓ ଆଧ୍ୟାତ୍ମିକ ପରମ୍ପରା ବା ରୀତି ନୀତିକୁ ପ୍ରାଚୀନ କବିମାନେ ତାଙ୍କ ସାହିତ୍ୟରେ ମୁଖ୍ୟ ଆଧାର ଭାବରେ ଗ୍ରହଣ କରିଥିଲେ, ତାହା ଛାତ୍ରଛାତ୍ରୀମାନେ ପ୍ରାଚୀନ ଓଡିଆ ସାହିତ୍ୟ, ପୁରାଣ ଓ ଗଦ୍ୟସାହିତ୍ୟ ଅଧ୍ୟୟନରୁ ଅବଗତ ହେବେ |

## ୨- ପ୍ରଧାନ ପାଠ୍ୟାଂଶ (Core Course – II )

### ମଧ୍ୟଯୁଗୀୟ ଓଡିଆ ସାହିତ୍ୟ : କାବ୍ୟ ଓ ଗଦ୍ୟ –

ମଧ୍ୟଯୁଗୀୟ ଓଡିଆ କବିଙ୍କ କାବ୍ୟରଚନା କ୍ଷେତ୍ରରେ ସଂସ୍କୃତ ସାହିତ୍ୟର ବିଭିନ୍ନ ଶାସ୍ତ୍ରୀୟ ନୀତିକୁ କିପରି ଅନୁସରଣ କରାଯାଇଛି ଏବଂ ତତ୍ସହିତ କାବ୍ୟର ବିଭିନ୍ନ ଆଙ୍ଗିକ ପ୍ରକରଣ ଯଥା ରସ, ରୀତି, ଛନ୍ଦ, ଶବ୍ଦ ବିନ୍ୟାସ ଓ ଗାନ ଯୋଗ୍ୟତା ସମ୍ବନ୍ଧରେ ବିଦ୍ୟାର୍ଥୀ ମାନଙ୍କୁ ଅବଗତ କରାଇବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ |

## ୩- ପ୍ରଧାନ ପାଠ୍ୟାଂଶ (Core Course – III )

### ଆଧୁନିକ ଓଡିଆ ସାହିତ୍ୟ – ୧୯୪୭ ପର୍ଯ୍ୟନ୍ତ (ଉପନ୍ୟାସ, କ୍ଷୁଦ୍ର ଗଳ୍ପ, କାବ୍ୟ, କବିତା ଓ ପ୍ରବନ୍ଧ ) –

ଆଧୁନିକ ଓଡିଆ ସାହିତ୍ୟର ରୂପରେଖ ଜାଣିବା ସହିତ ପରମ୍ପରାକୁ କିପରି ଆଧୁନିକତା ସହିତ ତୁଳନା କରାଯିବା ସହ ମଣିଷର ଚିନ୍ତା, ଚେତନା, ସ୍ୱପ୍ନ, ପ୍ରତୀକ, ରୂପକଳ୍ପ, ଆଚାରବିଚାର, ପୋଷାକ, ପରିଧେୟ ପୁରୁଷାନୁକ୍ରମେ ମଣିଷର କିପରି ପରିବର୍ତ୍ତନ ହୋଇ ଥାଏ ସେ ସମ୍ପର୍କରେ ଛାତ୍ରଛାତ୍ରୀମାନେ ସଚେତନ ହେବା ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ |

KHAIRA COLLEGE, KHAIRA (ESTD-1980)

## ୪- ପ୍ରଧାନ ପାଠ୍ୟାଂଶ (Core Course – IV )

### ସ୍ୱାଧୀନତା ପରବର୍ତ୍ତୀ ଓଡିଆ ସାହିତ୍ୟ (ଭ୍ରମଣ କାହାଣୀ, ରମ୍ୟ ରଚନା, ପ୍ରବନ୍ଧ, ଆତ୍ମଜୀବନୀ ) –

ଜୀବନର ଅନୁଭୂତି ସହିତ ଭ୍ରମଣ ଜନିତ ଅନୁଭୁତିକୁ ପ୍ରବନ୍ଧରେ ସ୍ଥାନିତ କରିବା, ତଥ୍ୟ ଅନ୍ୱେଷଣ ଓ ସଂହତିପୂର୍ଣ୍ଣ ଗଦ୍ୟ ରଚନାର ସମାବେଶକୁ ଅଧ୍ୟୟନ କରି ଛାତ୍ରଛାତ୍ରୀମାନେ ଉପକୃତ ହେବେ | ଏହାହିଁ ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ |

## ୫- ପ୍ରଧାନ ପାଠ୍ୟାଂଶ (Core Course – V )

### ଓଡିଆ ଭାଷା ଓ ଲିପିର ଐତିହାସିକ ବିକାଶକ୍ରମ : -

ଭାଷାତତ୍ତ୍ୱ ହେଉଛି ଭାଷା ସମ୍ପର୍କରେ ସବିଶେଷ ବିସ୍ତୃତ ଓ ତାତ୍ତ୍ୱିକ ଅଧ୍ୟୟନ | ଏହି ଭାଷାତତ୍ତ୍ୱ ସମ୍ବନ୍ଧରେ ଅଧ୍ୟୟନକରି ଓଡିଆ ଭାଷାର ବିକାଶ କ୍ରମ, ଓଡିଆ ଅଭିଲେଖର ଭାଷା, ପୁରାଣ ସାହିତ୍ୟର ଭାଷା ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ଅବଗତ ହେବେ |

## ୬ - ପ୍ରଧାନ ପାଠ୍ୟାଂଶ (Core Course – VI )

### ଭାଷାର ସଂଜ୍ଞା, ସ୍ୱରୂପ, ଓଡିଆ ଭାଷାର ବୈଶିଷ୍ଟ୍ୟ ଓ ବିବିଧତା :-

ଓଡିଆ ଭାଷାକୁ ଜାଣିବାକୁ ହେଲେ ଭାଷା ତଥା ବ୍ୟାକରଣ ସମ୍ପର୍କରେ ସାଧାରଣ ନିୟମ ଭିତ୍ତିକ ଜ୍ଞାନ ଅର୍ଜନ କରିବା ଏକାନ୍ତ ଆବଶ୍ୟକ ତେଣୁ ଭାଷା ବିଜ୍ଞାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଏହା ଦିଗ୍ ଦର୍ଶନ ପ୍ରଦାନ କରିବ |

## ୭ - ପ୍ରଧାନ ପାଠ୍ୟାଂଶ (Core Course – VII )

### ଓଡିଆ ବ୍ୟାବହାରିକ ବ୍ୟାକରଣ :-

ଓଡିଆ ବ୍ୟାବହାରିକ ବ୍ୟାକରଣ ପାଠ୍ୟକ୍ରମରୁ ବର୍ଣ୍ଣ ବିଚାର, ବାକ୍ୟର ଗଠନ ରୀତି, ଭାଷା ବ୍ୟବହାର, କାରକ, କୃଦନ୍ତ, ଉପସର୍ଗ , ସମାସ ଇତ୍ୟାଦି ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବେ |

## ୮ - ପ୍ରଧାନ ପାଠ୍ୟାଂଶ (Core Course – VIII )

### ଓଡିଆ ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ (ଲୋକ ଗୀତ, ଲୋକ କାହାଣୀ, ଲୋକ ନାଟକ ) :-

ଓଡ଼ିଶାରେ ଲୋକ ସଂସ୍କୃତି ଗବେଷଣାର ବୈଜ୍ଞାନିକ ଅନୁଶୀଳନ, କ୍ଷେତ୍ର ଅଧ୍ୟୟନର ବୈଜ୍ଞାନିକ ପ୍ରକ୍ରିୟା, ଲୋକ ମାନସ ସିଦ୍ଧାନ୍ତ ସହିତ ଲୋକ ସାହିତ୍ୟ ଲିଖିତ ସାହିତ୍ୟର ମୂଳ ଦୁଆକୁ ବିଦ୍ୟାର୍ଥୀ ମାନଙ୍କୁ ଅବଗତ କରାଇବା ସହିତ ଲୋକ ସାହିତ୍ୟ କିପରି ବଞ୍ଚି ରହିବ ସେ ସମ୍ପର୍କରେ ଧାରଣା ଦେବା ଏହି ପତ୍ରର ମୁଖ୍ୟ ଉଦ୍ଦେଶ୍ୟ |

## ୯- ପ୍ରଧାନ ପାଠ୍ୟାଂଶ (Core Course – IX)

### ସାହିତ୍ୟ ତତ୍ତ୍ୱ (ପ୍ରାଚ୍ୟ ଓ ପାଶ୍ଚାତ୍ୟ) :-

ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ସମ୍ବନ୍ଧୀୟ ରସ , ରୀତି, ଗୁଣ, ଅଳଙ୍କାର ଆଦି ବିଷୟରେ ଏକ ସ୍ଥୂଳ ଧାରଣା ଦେବା ଏହି ପତ୍ର ପରିକଳ୍ପନାର ମୂଳ ଉଦ୍ଦେଶ୍ୟ |

KHAIRA COLLEGE, KHAIRA
ESTD-1980
BALASORE

## ୧୦ - ପ୍ରଧାନ ପାଠ୍ୟାଂଶ (Core Course – X)

### ଓଡିଆ କବିତା ପ୍ରାଚୀନରୁ ଆଧୁନିକ :-

ଓଡିଆ ସାହିତ୍ୟର ପ୍ରାଚୀନ ଓ ଆଧୁନିକ କବିତା ଅଧ୍ୟୟନ ଫଳରେ ସାରଳାଦାସଙ୍କ କାବ୍ୟକୃତି, ଜଗନ୍ନାଥ ଦାସଙ୍କ କାବ୍ୟସମ୍ଭାର, ଦୀନକୃଷ୍ଣ ଦାସଙ୍କ କାବ୍ୟାଦର୍ଶ, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ସୌନ୍ଦର୍ଯ୍ୟ, ଆଧୁନିକ କବି ରାଧାନାଥ ନାୟକଙ୍କ କବିତା, ଗଙ୍ଗାଧର ମେହେରଙ୍କ କବିତାର ଭାଷା, ଛନ୍ଦ, ଭାବ ଆଦି ସମ୍ପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହେବେ |

## ୧୧ - ପ୍ରଧାନ ପାଠ୍ୟାଂଶ (Core Course – XI)

### ଓଡିଆ ନାଟକ ଓ ଏକାଙ୍କିକା :-

ନାଟକ ଓ ଏକାଙ୍କିକା ଆଦି ଗୋଟିଏ ସଂସ୍କୃତି ସମ୍ପନ୍ନ ଜାତିର ପ୍ରାଣୋଛଳତାର ପ୍ରତୀକ | ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ନାଟକ ଅଭିନୟରେ ସମୃଦ୍ଧ ପରମ୍ପରା ରହି ଆସିଥିଲେ ହେଁ ଇଂରେଜ ସଭ୍ୟତାର ପ୍ରସାର ଫଳରେ ଆଧୁନିକ ନାଟ୍ୟ କଳାର ବିକାଶ ସାଧିତ ହୋଇଛି , ତାହା ବିଦ୍ୟାର୍ଥୀମାନେ ଜାଣିବା ସହ ଏକାଙ୍କିକାର ସ୍ୱରୂପ ଓ ବିଭାଗିକରଣ ସମ୍ପର୍କରେ ଅବଗତ ହେବେ | ଏଥି ସହ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ନାଟ୍ୟକୃତି, ବିଜୟ ମିଶ୍ରଙ୍କ ନାଟକ, ପ୍ରାଣ ବନ୍ଧୁ କରଙ୍କ ଏକାଙ୍କିକା, ବିଶ୍ୱଜିତ ଦାସଙ୍କ ଏକାଙ୍କିକା ଇତ୍ୟାଦି ସମ୍ପର୍କରେ ଜାଣିବେ |

## ୧୨ - ପ୍ରଧାନ ପାଠ୍ୟାଂଶ (Core Course – XII)

### ଓଡିଆ କଥା ସାହିତ୍ୟ :-

ଓଡିଆ ସାହିତ୍ୟର କଥା ସାହିତ୍ୟ ଭାଗଟି ଅଧ୍ୟୟନ କରିବା ଫଳରେ କଥା ସାହିତ୍ୟର ବିକାଶ କ୍ରମ ସହିତ କଥା ସମ୍ରାଟ ଫକୀର ମୋହନଙ୍କ କଥା ସାହିତ୍ୟର ରଚନା ଶୈଳୀ, ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟ , ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପ ବିନ୍ୟାସ ଆଦି ସମ୍ପର୍କରେ ବିଶେଷ ଭାବରେ ଅବଗତ ହେବେ |

## ୧୩ - ପ୍ରଧାନ ପାଠ୍ୟାଂଶ (Core Course – XII)

### ଓଡିଆ ଗଦ୍ୟ ସାହିତ୍ୟ (ପ୍ରବନ୍ଧ, ଆତ୍ମଜୀବନୀ, ଭ୍ରମଣ କାହାଣୀ ):-

ଏହି ପାଠ୍ୟକ୍ରମରେ ବହୁ ଜୀବନୀ କାରଙ୍କ ଜୀବନୀ ପୁସ୍ତକ ସହ ଭୁବନେଶ୍ୱର ବେହେରାଙ୍କ ଭ୍ରମଣ କାହାଣୀ, ଫତୁରା ନନ୍ଦଙ୍କ ଆତ୍ମଜୀବନୀ, ଗୋପବନ୍ଧୁ ଦାସଙ୍କ ପ୍ରବନ୍ଧ, ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧ ଆଦି ବିଷୟ ରେ ଛାତ୍ରଛାତ୍ରୀମାନେ ଅବଗତ ହେବେ |

## ୧୪ - ପ୍ରଧାନ ପାଠ୍ୟାଂଶ (Core Course – XIV)

### ଓଡିଆ ଭାଷାର ବ୍ୟବହାରିକ ପ୍ରୟୋଗ :-

ଓଡିଆ ଭାଷାର ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନେ ସାଧାରଣ ଜ୍ଞାନ ଅର୍ଜନ କରିବା ଏକାନ୍ତ ଆବଶ୍ୟକ | ତେଣୁ ଭାଷଣ କଳା, ସମ୍ବାଦ ପ୍ରସ୍ତୁତି , ବିଜ୍ଞାପନ ପ୍ରସ୍ତୁତି, ନଥି ପ୍ରସ୍ତୁତି , ଘୋଷଣା ଲିଖନ ପ୍ରଭୃତି ଛାତ୍ରଛାତ୍ରୀମାନଙ୍କୁ ଓଡିଆ ଭାଷାର ପ୍ରୟୋଗ ସମ୍ପର୍କରେ ଏହି ପାଠ୍ୟକ୍ରମଟି ଦିଗ୍ଦର୍ଶନ ପ୍ରଦାନ କରିବ |

## ଶୃଙ୍ଖଳା କୈନ୍ଦ୍ରିକ ଇଚ୍ଛାଧୀନ ପାଠ (DSE)

ପାଠ୍ୟ – ୧ **[COURSE – 1]**

- **ଓଡ଼ିଶାର ସାଂସ୍କୃତିକ ଇତିହାସ ଓ ଓଡିଆ ସାହିତ୍ୟ :-**

  ବିଭିନ୍ନ ସଂସ୍କୃତିର ବିକାଶ ମୂଳରେହିଁ ନିହିତ ମହନୀୟ ଉତ୍କଳୀୟ ସଂସ୍କୃତିର ବିକାଶ | ଓଡିଆ ସାହିତ୍ୟ ଓ ଓଡ଼ିଶାର ସାଂସ୍କୃତିକ ଇତିହାସ ଅଧ୍ୟୟନରେ ଓଡ଼ିଶାର ସାଂସ୍କୃତିକ ଇତିହାସ, ଆଦିବାସୀ ସଂସ୍କୃତିର ପ୍ରଥାପରମ୍ପରା, ପର୍ବ ପର୍ବାଣି, ବୌଦ୍ଧ ସଂସ୍କୃତି, ଶୈବ ସଂସ୍କୃତି, ଶ୍ରୀ ଜଗନ୍ନାଥ ସଂସ୍କୃତି, ଓଡ଼ିଶାର ଓଷା ବ୍ରତ, ପର୍ବପର୍ବାଣି ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବେ |

ପାଠ୍ୟ – ୨ **[COURSE – 2]**

- **ଓଡିଆ ଶିଶୁ ସାହିତ୍ୟ ଓ ବିଜ୍ଞାନ ଭିତ୍ତିକ ସାହିତ୍ୟ :-**

  ଏହି ପାଠ୍ୟକ୍ରମ ଅଧ୍ୟୟନରୁ ଶିଶୁ ସାହିତ୍ୟ ଓ ବିଜ୍ଞାନ ଭୀତିକ ସାହିତ୍ୟର ବିଶେଷତ୍ୱ, ସାହିତ୍ୟର ସ୍ୱରୂପ, ବିକାଶ ଧାରା, ଗୋକୁଳାନନ୍ଦ ମହାପାତ୍ରଙ୍କ ପୃଥିବୀ ବାହାରେ ମଣିଷ, ଦେବକାନ୍ତ ମିଶ୍ରଙ୍କ ବିଚିତ୍ର ବିଶ୍ୱ ସମ୍ପର୍କରେ ଜ୍ଞାନ ଅର୍ଜନ କରିବେ |

ପାଠ୍ୟ – ୩ **[COURSE – 3]**

- **ଓଡିଆ ପଦ୍ୟ ସାହିତ୍ୟ :-**

  ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମଧୁସୂଦନ ରାଓଙ୍କ କବିତା, ବୈକୁଣ୍ଠନାଥଙ୍କ କବିତା, ରାଧାମୋହନ ଗଡ଼ନାୟକଙ୍କ କବିତା ଆଦିର ଭାବ, ଭାଷା, ଆଧୁନିକ କବିତାର ଶୈଳୀ ଆଦି ସମ୍ପର୍କରେ ଜ୍ଞାନ ଲାଭ କରିବେ |

ପାଠ୍ୟ – ୪ **[COURSE – 4]**

- **ପ୍ରକଳ୍ପ ପ୍ରସ୍ତୁତି ଓ ଉପସ୍ଥାପନ :-**

  ଗବେଷଣା ଉପଯୋଗୀ ବିଭିନ୍ନ ତଥ୍ୟ ସମ୍ପର୍କରେ ଏହି ପାଠ୍ୟକ୍ରମଟି ସୂଚନା ଦେଇ ଥାଏ | ଗବେଷଣାର ଉଦ୍ଦେଶ୍ୟ, ଗବେଷଣା ସନ୍ଦର୍ଭର ଲିଖନ ଶୈଳୀ ଓ ଗବେଷଣା ନିବନ୍ଧର ଉପସ୍ଥାପନା ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ଅବଗତ ହେବେ |

PRINCIPAL
KHAIRA COLLEGE, KHAIRA
BALASORE